## ଓଡ଼ାପଡ଼ାରେ ମଣ୍ଡି ଆରମ୍ଭ

**ଢେଙ୍କାନାଳ ଅଫିସ:** ଓଡ଼ାପଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ଆରମ୍ଭ ହୋଇଛି। ଢେଙ୍କାନାଳ ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାର ସରୋଜିନୀ ଜେନା, ଅତିରିକ୍ତ ରେଜିଷ୍ଟ୍ରାର ବିଜେନ୍ଦ୍ର ମହାନ୍ତି, ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ୧୮୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ସେବା ସମବାୟ ସମିତିର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ


ବିଶ୍ୱକପ୍ ହକି ଟ୍ରଫିକୁ ବିଧାୟକ, ଜିଲାପାଳ ସ୍ୱାଗତ କରୁଛନ୍ତି।


ସାଂସ୍କୃତିକ ଶୋଭାଯାତ୍ରାରେ କଳାକାରମାନେ।

**ଢେଙ୍କାନାଳ ଅଫିସ, ୫।୧**

■ଢେଙ୍କାନାଳ ଲୋକାରଣ୍ୟ
■ଲୋକନୃତ୍ୟରେ କମ୍ପିଲା ସହର

ଜିଲା ପରିକ୍ରମାରେ ବାହାରିଥିବା ବିଶ୍ୱକପ୍ ହକି ଟ୍ରଫିକୁ ଗୁରୁବାର ଢେଙ୍କାନାଳରେ ଭବ୍ୟ ସ୍ୱାଗତ କରାଯାଇଛି। ଲୋକନୃତ୍ୟ, ଲୋକବାଦ୍ୟର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ଟ୍ରଫି ନଗର ପରିକ୍ରମା କରିଥିବାବେଳେ ଲୋକାରଣ୍ୟ ହୋଇଉଠିଥିଲା ସମଗ୍ର ସହର।

ଗୁରୁବାର ରାତି ୭ଟା ୪୫ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଟ୍ରଫି ବାଜିଚୌକଠାରେ ପହଞ୍ଚିଥିଲା। ବିଧାୟକ ସୁଧୀର ସାମଲ, ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ବହୁ କ୍ରୀଡ଼ାବିତ୍, ପ୍ରଶାସନିକ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, କଳାକାର, ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ଟ୍ରଫିକୁ ସ୍ୱାଗତ କରିଥିଲେ। ମା' ବ୍ରହ୍ମାୟଣୀ ଦେବୀଙ୍କ ପୀଠରୁ ବିରାଟ ପଟୁଆରରେ ସହର ପରିକ୍ରମା କରିବା ପରେ ଶୋଭାଯାତ୍ରା ସର୍କିଟ ହାଉସ୍‌ରେ ପହଞ୍ଚିଥିଲା। ପାରମ୍ପରିକ ପାଇକ ନୃତ୍ୟ, ଲଉଡ଼ିବାଡ଼ି ଖେଳ, ଦଣ୍ଡନୃତ୍ୟରେ ସହର ଦୁଲୁକି ଉଠିଥିଲା। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଶୁକ୍ରବାର ସକାଳେ ହକି ବିଶ୍ୱକପ୍ ଟ୍ରଫିକୁ ବଳରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ଏହାପରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାପରେ ଟ୍ରଫି କାମାକ୍ଷାନଗର, ପରଜଙ୍ଗ, କଙ୍କଡ଼ାହାଡ଼ ଦେଇ କେନ୍ଦୁଝର ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଛକରେ ମଧ୍ୟ ଅନୁରୂପ ଭାବେ ଟ୍ରଫିକୁ ଉଚ୍ଛ୍ୱସିତ ସ୍ୱାଗତ କରାଯାଇଥିଲା। ବିଧାୟିକା ସୀମାରାଣୀ ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଆଇରନ ମେକିଂ ମୁଖ୍ୟ ଅମିତ କୁମାର ସିଂ, ଅନୁଗୋଳ ଏନର୍ଜି ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଶୈଳେଶ ବର୍ମା, ଚିଫ୍ ସେୟାର୍ଡ ସର୍ଭିସେସ୍ ବେଦ ପ୍ରକାଶ ଠାକୁର, ଚିଫ୍ କର୍ପୋରେଟ ସର୍ଭିସେସ୍ ମୋହିତ ଦାସ, ଚିଫ୍ ବିଜନେସ୍ ଫାଇନାନ୍ସ ଆଣ୍ଡ ଆକାଉଣ୍ଟ ଶକ୍ତିଶ୍ରୀ ଦାସଙ୍କ ସମେତ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ବହୁ କ୍ରୀଡ଼ାବିତ୍, ଭଲିବଲ ଖେଳାଳି, ଜିଲା କିକ୍ ବକ୍ସିଂ ସଂଘ ସଦସ୍ୟ ଉପସ୍ଥିତ ଥିଲେ।

ଏହି ଉପଲକ୍ଷେ ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ସେଠୀ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗଣମାଧ୍ୟମର ପ୍ରତିନିଧିଙ୍କୁ ହକି ଟି-ଶାର୍ଟ, ବିଶ୍ୱକପ୍ ସମ୍ପର୍କିତ ଡାଏରୀ ଏବଂ ଟୋପି ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୫।୧:** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ମେରାମଣ୍ଡଳୀ ରେଲ୍‌ୱେ ଲେଭଲ କ୍ରସିଂ ନିକଟରେ ରହୁଥିବା କାଶୀନାଥ କରଣଙ୍କ ପୁଅ କେଦାରନାଥ (୨୨)ଙ୍କ ଗଳିତ ମୃତଦେହ ହଳଦିଆବାହାଳ କେନାଲ ନିକଟବର୍ତ୍ତୀ ଜଙ୍ଗଲରୁ ଗୁରୁବାର ଠାବ କରାଯାଇଛି। ସେ ଗତ ଡିସେମ୍ବର ୨୩ରୁ ନିଖୋଜ ଥିଲେ। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତକଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା କଥା, ଗତ ୨୩ ତାରିଖ ସନ୍ଧ୍ୟାରେ କେଦାରନାଥ ତାଙ୍କର ଜଣେ ବନ୍ଧୁଙ୍କ ସହ ମଶାଣିଆରେ ହେଉଥିବା ଯାତ୍ରା ଦେଖିବାକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ୨୫ ତାରିଖରେ ପରିବାର ଲୋକେ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର କେଦାରନାଥଙ୍କ ଗଳିତ ମୃତଦେହ ଜଙ୍ଗଲରେ ପଡ଼ିଥିବା ଜଣାପଡ଼ିବା ପରେ ପରିବାର ଲୋକେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପରିବାର ସଦସ୍ୟ ଦାବି କରିଛନ୍ତି।

### ସ୍କୁଲ ପାଚେରି ନିର୍ମାଣ ଦାବି

**ଢେଙ୍କାନାଳ ଅଫିସ, ୫।୧:** ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ରାଜସ୍ୱ ଗ୍ରାମ କମନିଙ୍ଗ ପ୍ରାଥମିକ ବିଦ୍ୟାଳୟର ପାଚେରି ନିର୍ମାଣ କରିବାକୁ ଦାବି କରିଛି ଜିଲା ସକ୍ରିୟ ନାଗରିକ ପରିଷଦ। ଘଞ୍ଚ ଜଙ୍ଗଲକୁ ଲାଗି ରହିଥିବା ଏହି ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳରେ ହାତୀ, ବାର୍ହା, ମାଙ୍କଡ଼, ବିଷାକ୍ତ ସରୀସୃପଙ୍କ ଉପଦ୍ରବ ଲାଗିରହିଛି। ପାଚେରି ନ ଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ତୁରନ୍ତ ସ୍କୁଲରେ ସୁରକ୍ଷା ପାଚେରି ନିର୍ମାଣ କରିବା ଲାଗି ଦାବି କରାଯାଇଛି। ସେହିପରି ୪୮ ପିଲାଙ୍କ ଲାଗି ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଅନ୍ୟ ଜଣେ ଶିକ୍ଷୟିତ୍ରୀ ଅଛନ୍ତି। ଜଣେ ଅନୁପସ୍ଥିତ ରହିଲେ ଶିକ୍ଷାଦାନ ବ୍ୟାହତ ହେଉଛି। ତେଣୁ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତ କରିବାକୁ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଦାବି କରିଛନ୍ତି।

**କ୍ରଶର ମାଲିକଙ୍କୁ ଆକ୍ରମଣ ଘଟଣା**

### ଅଭିଯୁକ୍ତଙ୍କୁ କାବୁକଲା ପୋଲିସ

**ଢେଙ୍କାନାଳ ଅଫିସ, ୫।୧:** ଢେଙ୍କାନାଳ ଜିଲା ନୂଆ ଓଡ଼ାପଡ଼ାର କ୍ରଶର ମାଲିକ ଯୁବରଞ୍ଜନ ପଣ୍ଡା (୪୪)ଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିଛି। ତେବେ ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ପୋଲିସ ସେମାନଙ୍କ ନାମ ଗୁପ୍ତ ରଖିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣା ଦିନ କ୍ରଶର ମାଲିକଙ୍କୁ ଆକ୍ରମଣ କରି ଅଭିଯୁକ୍ତମାନେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ସୁନା, ମୋବାଇଲ୍ ଫୋନ୍ ଲୁଟି ନେଇଯାଇଥିଲେ। ଏହାପରେ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ୍ ପାଲଟିଥିଲା। ତେବେ ମୋବାଇଲ୍ ଫୋନ୍ ଟ୍ରାକିଂ କରି ବୁଧବାର ରାତି ପ୍ରାୟ ୮ଟାରେ ପିପିଲି ଟୋଲ ଗେଟ୍ ନିକଟରୁ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ସେମାନଙ୍କୁ ମୋଟଙ୍ଗା ଥାନାକୁ ଆଣି ପଚରାଉଚରା କରାଯାଉଥିବା ଜଣାପଡ଼ିଛି।

# ମା'ଲକ୍ଷ୍ମୀଙ୍କ ପହିଲି ଭୋଗ

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ ମିନାବଜାରସ୍ଥିତ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନରେ ଗୁରୁବାର ପହିଲି ଭୋଗ ଅନୁଷ୍ଠିତ ହୋଇଛି। ଏଥିଲାଗି ପୁରୀରୁ ସ୍ୱତନ୍ତ୍ର ସୂପକାରଙ୍କୁ ଅଣାଯାଇଛି। ମା'ଙ୍କ ନିକଟରେ ଅନ୍ନ, ମିଠାଅନ୍ନ, ବେସର, ମହୁର, ଖଟା, ଖିରି, ପୁଳି ଆଦି ବ୍ୟଞ୍ଜନ ଲାଗି କରାଯାଇଥିଲା। ପ୍ରତିଷ୍ଠାନ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ପୀତବାସ ସାହୁ, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ବୀରବର ସାହୁ, ଉଦୟନାଥ ସାହୁ, ଶ୍ରୀକାନ୍ତ ମହାପାତ୍ର, ଦୟାନିଧି ବେହେରା, ପବିତ୍ର ପ୍ରସାଦ ସାହୁ, ସଦାନନ୍ଦ ସାହୁ, ଚନ୍ଦନ ପାତ୍ର, ଟ୍ରଷ୍ଟ ସମ୍ପାଦକ ବିରଞ୍ଚି ନାରାୟଣ ସାହୁଙ୍କ ସହଯୋଗରେ ପହିଲି ଭୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଶ୍ରଦ୍ଧାଳୁଙ୍କୁ ଭୋଗ ପ୍ରଦାନ କରାଯାଉଛି।

# 'ସେବା ମନୋବୃତ୍ତି ନେଇ କାର୍ଯ୍ୟ କର'

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ କଲେଜ ଅଧ୍ୟକ୍ଷ ଡ. ରଞ୍ଜିତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଜିଲା ଯୁବ ରେଡ୍‌କ୍ରସ୍ ସଂଯୋଜକ ଡ. ଭୂପେଶ ଚନ୍ଦ୍ର ସାହୁ, ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଭାବେ ଜିଲା ଯୁବ ରେଡ୍‌କ୍ରସ୍ ଉପାଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣି ଉପସ୍ଥିତ ଥିଲେ। ଏହି ଅବସରରେ 'ମାନବ ସେବା ହିଁ ମାଧବ ସେବା' ଶୀର୍ଷକ ବିଷୟରେ ଆଲୋଚନା ହୋଇଥିଲା। ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଜିଲାର ୩୦ କଲେଜର ୧୫୦ ଛାତ୍ରୀଛାତ୍ର, ୨୭ ପ୍ରଶିକ୍ଷକ ଏଥିରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହେବ। ଅଧ୍ୟାପକ ଗୁରୁଚରଣ ରାଉତରାୟ ସଂଯୋଜନା କରିଥିବାବେଳେ ପ୍ରଣବ କୁମାର ହୋତା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ସବୁ ଗ୍ରାମରେ ହେବ କୃଷି ସର୍ଭେ

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକାଦଶ କୃଷି ଗଣନା ସଂକ୍ରାନ୍ତ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଏହାର ଆଭିମୁଖ୍ୟ, ନୂତନ ନିୟମାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ମୋଟ ୩ ପର୍ଯ୍ୟାୟରେ ଏହି ସର୍ଭେ କରାଯିବାକୁ ଥିବାବେଳେ ଏଥିରେ ଜିଲାର ସବୁ ଗ୍ରାମକୁ ସାମିଲ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜମିର ମାଲିକାନା, ଜମି ଆକାର, ଚାଷୀଙ୍କ ତଥ୍ୟ, ଯନ୍ତ୍ରପାତି ଉପଯୋଗ, ଫସଲ ପ୍ରଣାଳୀ ସମେତ ଚାଷ ସମ୍ପର୍କିତ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ଏଥିରେ ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗ, ରାଜସ୍ୱ ବିଭାଗ, କୃଷି କର୍ମଚାରୀ ନିୟୋଜିତ ହେବେ। ରାଜସ୍ୱ ନିରୀକ୍ଷକ, ପରିସଂଖ୍ୟାନ ଅଧିକାରୀ ଓ ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ ସୁପରଭାଇଜର ଭାବେ ଦାୟିତ୍ୱ ନିର୍ବାହ କରିବେ। ମୋଟ ୧୦୬ କର୍ମଚାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି। ଡିଜିଟାଲ ଆପ୍ ମାଧ୍ୟମରେ ସମସ୍ତ ସର୍ଭେ କାମ ହେବ। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଉପନିର୍ଦ୍ଦେଶକ ସରୋଜ ସେଠୀ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ତୋଷ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଉମ୍ବୁଧର ସାମଲ, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଗୀତାଶ୍ରୀ ପାଢୀ, ସରୋଜିନୀ ଜେନା, ଜିଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ମୃତ୍ୟୁଞ୍ଜୟ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇ ସତ୍‌ଚରିତ ପାରାୟଣ


ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ କାରିଗର ସାହିସ୍ଥିତ ଅଭିନନ୍ଦନ ଗାର୍ଡେନଠାରେ ୯ମ ବାର୍ଷିକ ଏକଦିବସୀୟ ସମୂହ ସତ୍‌ଚରିତ ପାରାୟଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ପର୍ଯ୍ୟାୟକ୍ରମେ ସାଇବାବାଙ୍କ ମହାସ୍ନାନ, ବିଷ୍ଣୁ ସହସ୍ରନାମ, ସାଇଙ୍କ ୧୦୮ ନାମ ପାଠ, ଗୁରୁ ଭାଗବତ ପାଠ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୮ଟାରୁ ସାଇ ସତ୍‌ଚରିତ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜା କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ ଉପସ୍ଥିତ ଥିଲେ। ଶୁଭଶ୍ରୀ ମିଶ୍ରଙ୍କୁ 'ସାଇ ଶ୍ରଦ୍ଧା ସବୁରି ସମ୍ମାନ', ପ୍ରବାଚକ ସୁଭାନ୍ୱେଶ ରଥଙ୍କୁ 'ସାଇ ପାରାୟଣ ସମ୍ମାନ', କଣ୍ଠଶିଳ୍ପୀ ମିନାକ୍ଷୀ ରଥଙ୍କୁ 'ସାଇ ସଙ୍ଗୀତ ସମ୍ରାଜ୍ଞୀ ସମ୍ମାନ' ଏବଂ ସୁନ୍ଦରଗଡ଼ ଜିଲାର ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ 'ସାଇ ସମାଜସେବୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


ଫୁଟ୍‌ବଲ୍ ପ୍ରତିଯୋଗିତାରେ ଖେଳାଳିମାନେ।

**ଭୁବନ, ୫।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ ଖେଳପଡ଼ିଆରେ ଗୁରୁବାର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜିତ କୁମାର ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାବିତ୍‌ମାନେ ବୁଦ୍ଧେଶ୍ୱର ଶୈବପୀଠରୁ ମଶାଲ ନେଇ ସହର ପରିକ୍ରମା କରିବା ପରେ ପଡ଼ିଆରେ ପହଞ୍ଚିଥିଲେ। ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ, ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀମାନେ ମାର୍ଚ୍ଚପାଷ୍ଟ କରିବା ପରେ କ୍ରୀଡ଼ାପତାକା ଉତ୍ତୋଳନ କରାଯାଇଥିଲା। ଖେଳୁଆଡ଼ ମନୋଭାବ ନେଇ ଖେଳ ପ୍ରଦର୍ଶନ କରିବାକୁ ପ୍ରତିଯୋଗୀ ଶପଥ ପାଠ କରିଥିଲେ। ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଡିସ୍‌କସ୍, ଜାଭେଲିନ୍, ମ୍ୟୁଜିକ୍ ଚେୟାର ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍ ଖେଳାଯାଇଥିଲା। କ୍ରୀଡ଼ାକୁ ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଭାତ ଜେନା, ଅଲେଖ ପାତ୍ର, ଦୁର୍ଯ୍ୟୋଧନ ଜେନା, ସଞ୍ଜୟ ସାହୁ, ସଂଘମିତ୍ରା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ବେଲଟିକିରିରେ ଖୋଲିଲା ମଣ୍ଡି

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ହାଟ ପଡ଼ିଆରେ ଗୁରୁବାର ମଣ୍ଡି ଶୁଭାରମ୍ଭ ହୋଇଛି। ଜିଲାପାଳ ସରୋଜ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୮ଜଣ ଚାଷୀଙ୍କଠାରୁ ୬୯୫ କୁଇଣ୍ଟାଲ ଧାନ କିଣାଯାଇଥିଲା। ଶକ୍ତି ମା' ହରିବଲ୍ଲଭା ସ୍ୱୟଂ ସହାୟିକା ଗୋଷ୍ଠୀ ଏହାର ପରିଚାଳନା ଦାୟିତ୍ୱରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ମିଶନଶକ୍ତି ପ୍ରକଳ୍ପ ଅଧିକାରିଣୀ ମୋନାଲିସା ଭଞ୍ଜ, ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ସରପଞ୍ଚ ବଳଭଦ୍ର ସାମଲ, ସମିତି ସଦସ୍ୟ ଅମ୍ବିକା ସାମଲ, ନାଏବ ସରପଞ୍ଚ ବନିତା ସେଠୀ, ଗ୍ରାମ ସଭାପତି ବିଷ୍ଣୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବେଲଟିକିରିରେ ଧାନମଣ୍ଡିର ଶୁଭାରମ୍ଭ କରାଯାଉଛି।

# ଦଦରାଘାଟିରେ ପର୍ଯ୍ୟଟକଙ୍କ ଭିଡ଼

**ପରଜଙ୍ଗ, ୫।୧(ଡି.ଏନ.ଏ.)**



ପର୍ଯ୍ୟଟକଙ୍କ ଗହଳଚହଳରେ ମୁଖରିତ ହୋଇଉଠିଛି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଦଦରାଘାଟି ଡ୍ୟାମ୍। ସହରର କୋଳାହଳଠାରୁ ଦୂର ଶାନ୍ତ ସବୁଜିମା କୋଳରେ କିଛି ସମୟ ବିତାଇବା ଲାଗି ଏଠାକୁ ଛୁଟି ଆସୁଛନ୍ତି ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ।

ଅଞ୍ଚଳର ଚାଷଜମିକୁ ଜଳସେଚନ ଉଦ୍ଦେଶ୍ୟରେ ନିର୍ମିତ ଦଦରାଘାଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଲଟିଛି ଜିଲା ପର୍ଯ୍ୟଟନର ପ୍ରମୁଖ ସ୍ଥାନ। ଡ୍ୟାମ୍‌ର ବିସ୍ତୀର୍ଣ୍ଣ ଜଳରାଶି, ଜଳଭଣ୍ଡାରକୁ ଲାଗି ରହିଥିବା ଘଞ୍ଚ ଜଙ୍ଗଲର ଶାନ୍ତ ବାତାବରଣରେ ବଣଭୋଜିର ମଜା ନେବାକୁ ଏଠାରେ ବର୍ଷତମାମ ସ୍ଥାନୀୟ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦଦରାଘାଟି ଡ୍ୟାମ ପରିଦର୍ଶନ କରିବାକୁ ଆସୁଥିବା ଯାତ୍ରୀମାନେ କୁଆଲୋର ପ୍ରସିଦ୍ଧ ଶୈବପୀଠ ଅଷ୍ଟଶମ୍ଭୁ ମନ୍ଦିର, ସରାଙ୍ଗ ଅନନ୍ତ ଶୟନ ବିଷ୍ଣୁଙ୍କ ଦର୍ଶନ କରିବା ସୁଯୋଗ ହାତଛଡ଼ା କରୁନାହାନ୍ତି।

ତେବେ ଡ୍ୟାମ୍‌ରେ ପର୍ଯ୍ୟଟକ ଅନୁକୂଳ ବାତାବରଣ ନ ଥିବାରୁ ସମସ୍ୟା ହେଉଛି। ପିଇବା ପାଣି ପାଇଁ ନଳକୂପ ନ ଥିବାରୁ ପର୍ଯ୍ୟଟକମାନେ ଡ୍ୟାମ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ମହିଳାଙ୍କ ଲାଗି ଶୌଚାଳୟ ନାହିଁ। ମୋବାଇଲ ନେଟ୍‌ୱର୍କ ମଧ୍ୟ ଠିକ୍‌ରେ ଆସୁନାହିଁ। ଏଭଳି ଅବ୍ୟବସ୍ଥା ଲାଗି ପର୍ଯ୍ୟଟକମାନେ ପ୍ରଶାସନକୁ ଦାୟୀ କରିଛନ୍ତି। ଏ ସଂକ୍ରାନ୍ତରେ ପରଜଙ୍ଗର ଲିମାଶ୍ରୀ ପରିଡ଼ା କୁହନ୍ତି, ବଣଭୋଜି କରିବା ଲାଗି ଦଦରାଘାଟିର ପରିବେଶ ବେଶ୍ ଭଲ। ତେବେ ପିଇବା ପାଣି ପାଇଁ ନଳକୂପ କି ଶୌଚାଳୟ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ୩୦ ସ୍କୁଲରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପାଇଁ ଟେଣ୍ଡର

ଢେଙ୍କାନାଳ ଅଫିସ, ୫।୧-ଢେଙ୍କାନାଳ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରତି ସ୍କୁଲରେ ଅତ୍ୟାଧୁନିକ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ନିମନ୍ତେ ଏମ୍‌ପି ମହେଶ ସାହୁ ଆଇଓସିଏଲ୍‌କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଜିଲାର ୩୦ ପ୍ରାଥମିକ ବିଦ୍ୟାଳୟରେ ଏ ସମ୍ପର୍କିତ ପ୍ରକଳ୍ପ ପାଇଁ ଟେଣ୍ଡର କାର୍ଯ୍ୟ ଶେଷ ହୋଇଛି। କଙ୍କଡ଼ାହାଡ଼ ପାଟଦେବ ୟୁପି ସ୍କୁଲ, ଗେଙ୍ଗୁଟିଆ ପଞ୍ଚାୟତ ହାଇସ୍କୁଲ, ଧଳପୁର ନୋଡାଲ ଏମ୍‌ଇ ସ୍କୁଲ ନୟାଭାଗୀରଥିପୁର, ଭକ୍ତପୁର ସରକାରୀ ୟୁପି ସ୍କୁଲ ହିନ୍ଦୋଳ, ଷଡଙ୍ଗୀ ହାଇସ୍କୁଲ, ସରକାରୀ ହାଇସ୍କୁଲ ମାର୍ଥାପୁର, ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଜୁକେଶନ ସେଣ୍ଟର ଭୁବନ, ଚାଚାଜୀ ନୋଡାଲ ୟୁପି ସ୍କୁଲ ଚିରୁଲେଇ, ପଞ୍ଚାୟତିରାଜ ହାଇସ୍କୁଲ କାନପୁରା, କଙ୍କଡ଼ାହାଡ଼ ହାଇସ୍କୁଲ, ଇନ୍ଦିପୁର ବାଳିକା ହାଇସ୍କୁଲ, ବାଳକ ହାଇସ୍କୁଲ, ବଳରାମପୁର ୟୁପି ସ୍କୁଲ, ଗଞ୍ଜରା ବ୍ରାହ୍ମଣିଆପାଳ ହାଇସ୍କୁଲ, ବମ୍ପା ହାଇସ୍କୁଲ, ଖଣ୍ଡଗିରି ହାଇସ୍କୁଲ ଆଦି ଶିକ୍ଷାନୁଷ୍ଠାନରେ ଏହି ପ୍ରକଳ୍ପ ହେବ ବୋଲି ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ମାତୃପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି।

# ବିକାଶଧାରାରେ ସାମିଲହେବାକୁ ଆହ୍ୱାନ

### ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ତାଳଚେର, ୫।୧ (ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଏକ ବୈଠକ ଅଧ୍ୟକ୍ଷା ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ରଙ୍କୁ ସଙ୍ଗଠନ ସହ ଯୋଡ଼ି ମହାବିଦ୍ୟାଳୟର ବିକାଶ ଧାରାରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅଧ୍ୟକ୍ଷା ରଥ ସ୍ୱାଗତ ଭାଷଣ, ଅଧ୍ୟାପକ ରୋହିତ ମିଶ୍ର ସଙ୍ଗଠନ ସମ୍ପର୍କରେ କହିଥିଲେ। ବରିଷ୍ଠ ଆଇନଜୀବୀ ଯଦୁମଣି ସାହୁ ଓ ଖବରଦାତା ଦେବୀ ମିଶ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ସମସ୍ତ ଛାତ୍ରୀଛାତ୍ର ଏକଜୁଟ୍ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉପଦେଷ୍ଟା ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସଭାପତି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ, ଉପସଭାପତି ଭାବେ ଦେବୀ ମିଶ୍ର, ସମ୍ପାଦକ ଭାବେ ଡ. ନିମାଇଁ ଚରଣ ପ୍ରଧାନ, ସହ ସମ୍ପାଦକ ଭାବେ ଡ. ରଶ୍ମୀ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଭାବେ ଅଧ୍ୟକ୍ଷା ପୁଷ୍ପଲତା ରଥଙ୍କୁ ଚୟନ କରାଯାଇଥିଲା। ଅଧ୍ୟାପିକା ଡ. ବାଗ୍ମୟୀ କବିକନ୍ୟା, ନବକିଶୋର ମହାପାତ୍ର, କ୍ରିଷ୍ଟିନାରାଣୀ ଲିମା, ଅଶୋକ କୁମାର ବେହେରା, ଶଶାଙ୍କ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି, କଲେଜ ଅଧ୍ୟକ୍ଷା ଓ ଅନ୍ୟମାନେ।

### ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କଣିହାଁ,୫।୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁରସ୍ଥିତ କନକେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଆଞ୍ଚଳିକ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗଲୁ ଚରଣ ପ୍ରଧାନ, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ପରାବିଲ ସରପଞ୍ଚ କବିତାରାଣୀ ପ୍ରଧାନ, ବିରୁ ସରପଞ୍ଚ ଧରଣୀଧର ବେହେରା, ପବିତ୍ରନଗର ଗ୍ରାମ ବ୍ୟାଙ୍କ ଶାଖା ପରିଚାଳକ ସୁଶୀଲ କୁମାର ସାହୁ, ପ୍ରଧାନଶିକ୍ଷକ ଗଣେଶ୍ୱର ମହାପାତ୍ର, ଗ୍ରାମ୍ୟ କମିଟି ସଭାପତି ରବିଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି କ୍ରୀଡା କୌଶଳ ଦେଖାଇଥିଲେ। ଉପସ୍ଥିତ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# କ୍ରୀଡ଼ାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ

ବଇଣ୍ଡା,୫।୧(ଡି.ଏନ.ଏ.)

ଅନ୍ତର୍ଜାତୀୟ କ୍ରୀଡା ଆୟୋଜନରେ ଓଡ଼ିଶା ସୁନାମ ଅର୍ଜନ କରିଚାଲିଥିବାରୁ ପ୍ରାଥମିକସ୍ତରରେ କ୍ରୀଡାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ। ଗୁରୁବାର ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀ ସଭାରେ ଯୋଗଦେଇଥିବା ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ବୁଧବାର ସ୍ଥାନୀୟ ସରପଞ୍ଚ ନିରୋଜ କାନ୍ତ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୁରୁବାର ପ୍ରଧାନ ଶିକ୍ଷକ ଶୁକଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଇକସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଙ୍କିତା ନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ସରପଞ୍ଚ ନିରୋଜକାନ୍ତ ସାହୁ, ମୋହନ ଭୋଇ, ସିଦ୍ଧେଶ୍ୱର ନାୟକ, ମନୋଜ ବାରିକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଖେଳ ଶିକ୍ଷୟିତ୍ରୀ ମୋନାଲିସା ସାହୁ, ଗୋଲେଖ ବିହାରି ସାହୁ, ରେଣୁକା ମାଝି ପରିଚାଳନା କରିଥିଲେ। ପ୍ରଶ୍ନ ପ୍ରଧାନ, ପ୍ରଶ୍ନ ବେହେରା, ଅରୁଣ ନାୟକ, ସୁଜିତ ଗାଇଗରିଆ, ପପୁ ରଞ୍ଜନ ସାହୁ, ସୌରଭ ସରକାର, ବିଜୟ କୁମାର ସିଂ ପ୍ରମୁଖ ସହଯୋଗ କରିଥିଲେ।



# ଚୂଡ଼ାନ୍ତ ଭୋଟର ତାଲିକା ପାଇଁ ବୈଠକ

ଅନୁଗୋଳ ଅଫିସ, ୫।୧

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟରୁମ୍‌ଠାରେ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ଭୋଟର ତାଲକା ପ୍ରକାଶ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇଥିଲା। ତେବେ ଏହି ଭୋଟର ତାଲିକାରେ କେହି ନାମ ସଂଯୋଗ କିମ୍ବା କାଟିବାର ଥିଲେ ଅଥବା ସଂଶୋଧନ କରିବାକୁ ଚାହିଁଲେ ଏଥିନିମନ୍ତେ ଆବଶ୍ୟକ ଫର୍ମରେ ଆବେଦନ କରିପାରିବେ। ନାମ ସଂଯୋଗ କରିବା ନିମନ୍ତେ ଫର୍ମ–୬, ନାମ କଟାଯିବା ନିମନ୍ତେ ଫର୍ମ ୭ ଓ ସଂଶୋଧନ କରିବା ନିମନ୍ତେ ଫର୍ମ ୮ ପୂରଣ କରି ଦାଖଲ କରିପାରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଉପଜିଲାପାଳ ବଇତୁରା ଦୀପ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

# ହକି ବିଶ୍ୱକପ୍ ସମ୍ପର୍କରେ ସଚେତନତା


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକଙ୍କ ସମେତ ଛାତ୍ରୀଛାତ୍ରମାନେ।

ତାଳଚେର, ୫।୧ (ନି.ପ୍ର.)

ଆସନ୍ତା ୧୩ ତାରିଖରୁ ରାଜ୍ୟରେ ହକି ବିଶ୍ୱକପ୍ ଆରମ୍ଭ ହେବ। ଏହି ଅବସରରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଅନୁଯାୟୀ ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତସ୍ଥିତ ହିଙ୍ଗୁଳା ମହାବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ବ୍ୟାନର ଧରି ଗ୍ରାମ ପରିକ୍ରମା କରିବା ସହ ବିଶ୍ୱକପ୍ ହକି ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରାଇଥିଲେ। ଏହାସହିତ ପିଲାମାନଙ୍କ ମଧ୍ୟରେ ହକି ସମ୍ପର୍କିତ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ବୀଣାପାଣି ପ୍ରଧାନ, ବନିତା ସାହୁଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଣିହାଁ,୫।୧(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗୁରୁବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ରେଙ୍ଗାଳି ୟୁନିଟ୍‌ର (ସିନିୟର ଜି.ଏମ୍.) ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ର ମୋହନ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାତିଆଦଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମାନନ୍ଦ ସାମଲ, ଯୁକ୍ତ ୨ ରେଙ୍ଗାଳି ପ୍ରୋଜେକ୍ଟ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଶ୍ୱତ୍ଥମା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟିକନ ବିଶି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଗିରିଧାରୀ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ରେଙ୍ଗାଳି ଉ.ପ୍ରା. ବିଦ୍ୟାଳୟର ଖେଳ ଶିକ୍ଷକ ସନ୍ତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ହାକାଥନ ଉପରେ କର୍ମଶାଳା

ବଇଣ୍ଡା,୫।୧(ଡି.ଏନ.ଏ.)

ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ଛାତ୍ରୀଛାତ୍ରମାନଙ୍କ ପ୍ରୟୋଗାତ୍ମକ ଜ୍ଞାନ ବିକାଶ ପାଇଁ ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ହାକାଥନ ସମ୍ପର୍କିତ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜ ପ୍ରତିଭାକୁ ଅନ୍ୱେଷଣ କରି ବିଜ୍ଞାନର ପ୍ରୟୋଗାତ୍ମକ ଦିଗକୁ ଅଧିକ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ଭାବେ ଜନତା ମହାବିଦ୍ୟାଳୟର ଅଧ୍ୟାପକ ଅସିତ ଜେନା ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ କାଳିନ୍ଦୀ ଚରଣ ପ୍ରଧାନ, ଚନ୍ଦ୍ର ଶେଖର ସିଂ, ବିଜେନ୍ଦ୍ର ବିହାରୀ, ଅଧ୍ୟାପିକା ଶୁଭ୍ରଶ୍ରୀ ପ୍ରଧାନ, ସୁମିତ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।


କର୍ମଶାଳାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ବଜାର ପରିକ୍ରମା, ପ୍ରାଚୀରପତ୍ର ବଣ୍ଟନ



ରାଲିରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

ସାତମାଇଲ,୫।୧(ଡି.ଏନ.ଏ.)

ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ଅଧ୍ୟକ୍ଷ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଏକ କ୍ରୀଡ଼ା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ହକି ପ୍ରତି ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ବିନୟ ନାରାୟଣ ସାହୁ, ଅଧ୍ୟାପକ ବିମଳ ପ୍ରଧାନ, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଜୟନ୍ତ ନାରାୟଣ ପତି, କିଶୋର ପୃଷ୍ଟି, ଦିଲୀପ ଗଡ଼ନାୟକ, ଡ. ମହେନ୍ଦ୍ର ସ୍ୱାଇଁ, କାର୍ଯ୍ୟାଳୟ ବରିଷ୍ଠ କର୍ମଚାରୀ ମଙ୍ଗରାଜ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ରମାନେ ଖଜୁରିଆକଟା ବଜାର ପରିକ୍ରମା କରିବା ପରେ ପ୍ରାଚୀର ପତ୍ର ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରମାନେ ଆଗାମୀ ହକି ଖେଳ କିପରି ଦେଖିପାରିବେ ସେଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ଏଲ୍‌ଇଡି ବ୍ୟବସ୍ଥା ହୋଇଥିବା ଅଧ୍ୟକ୍ଷ ସାହୁ ପ୍ରକାଶ କରିଛନ୍ତି।

# ଗୋଣ୍ଡ ସମାଜର ବୈଠକ

ବଇଣ୍ଡା,୫।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ସଞ୍ଜାମୁରାଠାରେ ଗୁରୁବାର ସଞ୍ଜାମୁରା ଗୋଣ୍ଡ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁଞ୍ଜିର ସଭାପତି ରାଘବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ କୁଶ ନାୟକ, ଉପ ସଭାପତି ବିଶେଶ୍ୱର ନାୟକ, କୁଳମଣି ନାୟକ, ଅରୁଣ ନାୟକ, କୃଷ୍ଣଚନ୍ଦ୍ର ନାୟକ, ଚିତ୍ତରଞ୍ଜନ ମାଝି, ମହାର୍ଗା ନାୟକ, ନରେନ୍ଦ୍ର ନାୟକ, ସଦାନନ୍ଦ ପାତ୍ର, ନବକୁମାର ନାୟକଙ୍କ ସମେତ ବହୁ ସଭ୍ୟ ଯୋଗ ଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।


ବୈଠକରେ ଗୋଣ୍ଡ ସମାଜର କର୍ମକର୍ତ୍ତାମାନେ।

# ୪୦ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନ, ୫।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନରେ ଆସନ୍ତା ରବିବାର ପଥୋତ୍ସବ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତ ଏକ ପ୍ରସ୍ତୁତି ବୈଠକ ଏନ୍‌ଏସି ସଭାଗୃହରେ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ କଲ୍ୟାଣ ସୌରଭ ଦାସ, ତହସିଲଦାର ରୋଜାଲିନ ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ବ୍ଲକ ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ଏସ୍‌ଏଚ୍‌ଜି ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

କାଳୀବଜାରରୁ ନୀଳମାଧବ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ପଥୋତ୍ସବ ଅନୁଷ୍ଠିତ ହେବ। ସହରର ୪୦ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଦେଶାତ୍ମବୋଧକ ନୃତ୍ୟ, ସଙ୍ଗୀତକୁ ଅଗ୍ରାଧିକାର ଦିଆଯିବ ବୋଲି ନଗରପାଳ ସୂଚନା ଦେଇଛନ୍ତି। ଆଲୋଚନାରେ ଏନ୍‌ଏସିର ସମସ୍ତ କର୍ମଚାରୀ, ଜନପ୍ରତିନିଧି ଉପସ୍ଥିତ ଥିଲେ। କାଉନ୍‌ସିଲର ପପୁ କୁମାର ସାହୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ନଗରପାଳଙ୍କ ସମେତ ଅନ୍ୟମାନେ।

# ରୋଡ୍‌କୁ ହରାଇ ଚାନ୍ଦପୁର ଚାମ୍ପିୟନ


ଚାମ୍ପିୟନ ଚାନ୍ଦପୁର ଦଳ।

ପରଜଙ୍ଗ, ୫।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରୋଡ୍ ପଞ୍ଚାୟତ ଖେଳପଡ଼ିଆରେ ଜୟ ମା' ସନ୍ତୋଷୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ରୋଡ୍‌କୁ ହରାଇ ଚାନ୍ଦପୁର ଚାମ୍ପିୟନ ହୋଇଛି।

ଚାନ୍ଦପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୭୭ ରନ କରିଥିଲା। ଜବାବରେ ରୋଡ୍ ୬ ଉଇକେଟ ବିନିମୟରେ ମାତ୍ର ୪୨ ରନ୍ କରି ପରାଜୟ ବରଣ କରିଥିଲା। ମୁଖ୍ୟ ଅତିଥି ଭାବେ ଯୁବ ବିଜେଡି ନେତା ଅସିତ୍ ରାୟଚୌଧୁରୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ବ୍ଲକ 'ଆମ୍ବ' ଅଧ୍ୟକ୍ଷ ଅକ୍ଷୟ ବେହେରା, ରୋଡ୍ ସରପଞ୍ଚ ବିଶ୍ୱଜିତ୍ ନାୟକ, ସମିତିସଭ୍ୟ ନିର୍ମଳ ବାରିକ, ଶ୍ରମିକ ନେତା ଦିଲୀପ ବର୍ମା ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କେ.କେ. ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରାଇଥିଲା।

# କପିଳାସରେ ହେବ ସାଇନ୍ସ ପାର୍କ

ଢେଙ୍କାନାଳ ଅଫିସ, ୫।୧

ଢେଙ୍କାନାଳ ସଦର ବ୍ଲକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଦୁଇଦିନିଆ ଜିଲାସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କହିଲେ, ବିଜ୍ଞାନର କରାମତି ଯୋଗୁ ସାମଗ୍ରିକ ବିକାଶ ସମ୍ଭବ ହୋଇଛି। ବିଜ୍ଞାନ ପ୍ରତି ଲୋକଙ୍କୁ ଆକର୍ଷିତ କରିବା ଲାଗି କପିଳାସଠାରେ ଏକ ସାଇନ୍ସ ପାର୍କ ପ୍ରତିଷ୍ଠା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ସ୍ୱପ୍ନକୁ ସାକାର କରିବା ନିମନ୍ତେ ପ୍ରୟାସ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ୨୨୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ପ୍ରକଳ୍ପଗୁଡ଼ିକ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହପାତ୍ର ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ପ୍ରାରମ୍ଭିକ ସୂଚନା ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।


ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପ୍ରକଳ୍ପ ବୁଲି ଦେଖୁଛନ୍ତି।

